The 5th March 1987 (Thrusday)

# ORISSA
# LEGISLATIVE ASSEMBLY DEBATES

(Ninth Assembly)

## Vol. V—No. 7

ASSEMBLY SECRETARIAT, BHUBANESWAR

Price Rs. 10.00

ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ କନେଷ୍ଟବଲ ଅଶୋକ ଦାସଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ସେ ଚିକିତ୍ସିତ ପାଇଁ ଭଲ ଅଛନ୍ତି । ତାଙ୍କର କୌଣସି frachere କିମ୍ବା ଅନ୍ୟ Injore ହୋଇ ନାହିଁ । କେଉଁଠି sprain ହୋଇଛି ବୋଲି ଜଣାଯାଇଛି । ଇତି ମଧ୍ୟରେ ସେ ଡାକ୍ତରଖାନାରୁ ମଧ୍ୟ Discharge ହୋଇ ଗଲେଣି ।

ଉପରୋକ୍ତ ଘଟଣା ପ୍ରସଙ୍ଗରେ କ୍ୟାପିଟାଲ ଥାନାରେ ନିମ୍ନ ଲିଖିତ ଧାରା ମାନଙ୍କରେ ଏକ ମୋକଦ୍ଦମା ରୁଜୁ କରାଯାଇଛି ।

(କ) ଭାରତୀୟ ପିଙ୍ଗଲ କୋଡର ଧାରା 147/148/149/337/332/341/353.

(ଖ) ପୋଲିସ ଆକ୍ଟର ଧାରା 32.

(ଗ) କ୍ରିମିନାଲ ଲ ଆମେଣ୍ଡମେଣ୍ଟ ଆକ୍ଟର ଧାରା 7.

ଘଟଣା ଆୟତ୍ତାଧୀନ ହେଲାପରେ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କଟକ ମାଜିଷ୍ଟ୍ରେଟ ଓ ଏସ,ପି ମୋବାଇଲ ପାଟ୍ରୋଲିଙ୍ଗ ଓ ଅନ୍ୟ ପୋଲିସ ବନ୍ଦୋବସ୍ତର ଆୟୋଜନ କରିଛନ୍ତି ।

ଆହତମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ପଣ୍ଡା ନାମକ ଏକ ମହିଳା ମଧ୍ୟ ସାମିଲ ଥିଲେ । ପୁଷ୍ପାଞ୍ଜଳି ପଣ୍ଡାଙ୍କ ବିଷୟରେ ଗତକାଲି ବିଧାନ ସଭାରେ କେତେକ ସଭ୍ୟଙ୍କ ଦ୍ୱାରା ବିଶେଷ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୁଷ୍ପାଞ୍ଜଳି ପଣ୍ଡାଙ୍କର ଚିକିତ୍ସା ଲେଡ଼ି ଡାକ୍ତର ଶ୍ରୀମତୀ କେ. କେ. ମିଶ୍ରଙ୍କ ଦ୍ୱାରା କରାଯାଇ ଥିଲା । ପୁଷ୍ପାଞ୍ଜଳି ପଣ୍ଡାଙ୍କ ହାତରେ ଏକ ସାମାନ୍ୟ ଧରଣର ଆଘାତ ବ୍ୟତୀତ କୌଣସି ଗୁରୁତର ଆଘାତ ନ ଥିବାରୁ ଚିକିତ୍ସା କରିଥିବା ଲେଡ଼ି ଡାକ୍ତର ତାଙ୍କୁ ହସ୍ପିଟାଲ ପଠାଇବା ଲାଗି ମଧ୍ୟ ଆବଶ୍ୟକ ମନେ କରି ନ ଥିଲେ ।

ପ୍ରାଥମିକ ଚିକିତ୍ସା ପରେ ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ପି. ଆର ବଣ୍ଡରେ ଜାମିନ୍ ଦେଇ ମୁକ୍ତ କରାଯାଇଥିଲା ଏବଂ ମାଜିଷ୍ଟ୍ରେଟ୍ ଓ ମହିଳା ପୁଲିସଙ୍କ ତତ୍ତ୍ୱାବଧାନରେ ତାଙ୍କୁ ନିର୍ଦ୍ଧାରିତ ତାଙ୍କର ବାସସ୍ଥଳୀକୁ ପଠାଇ ଦିଆଯାଇଥିଲା ।

———

## ଓଡ଼ିଶା ବିଧାନ ସଭାରେ
## 1987-88 ମସିହାର ବଜେଟ ଉପସ୍ଥାପନ କରି
# ଅର୍ଥ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଭିଭାଷଣ

ଅଧ୍ୟକ୍ଷ ମହୋଦୟ,

ମୁଁ ଏହି ମହାନ ଗୃହରେ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଆଟକଳ ଓ 1987-88 ଆର୍ଥିକ ବର୍ଷର ବଜେଟ ଆଟକଳ ଉପସ୍ଥାପନ କରିବା ଅବସରରେ ଗୃହର ମାନ୍ୟବର ସଭ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି ।

2. ସଂକ୍ଷେପରେ ଚଳିତ ଆର୍ଥିକ ବର୍ଷର ସଂଶୋଧିତ ବଜେଟରେ ଆୟ 3315 କୋଟି 19 ଲକ୍ଷ ଟଙ୍କା ଏବଂ ବ୍ୟୟ 3351 କୋଟି 21 ଲକ୍ଷ ଟଙ୍କା ଦର୍ଶାଯାଇଛି । ଚଳିତ ବର୍ଷର ପ୍ରାରମ୍ଭିକ ବଳକା ଜମା 23 କୋଟି 92 ଲକ୍ଷ ଟଙ୍କା ଭରଣା କରାଯିବାପରେ ସଂଶୋଧିତ ବଜେଟ ଅନୁସାରେ ବର୍ଷ ଶେଷରେ 12 କୋଟି 10 ଲକ୍ଷ ଟଙ୍କା ନିଅଣ୍ଟ ହେବ । ପ୍ରାଥମିକ ବଜେଟ ଅନୁମାନରେ ଚଳିତ ଆର୍ଥିକ ବର୍ଷ ଶେଷରେ 13 କୋଟି 12 ଲକ୍ଷ ଟଙ୍କା ବଳକା ହେବାର ପ୍ରତ୍ୟାଶା ଥିଲେ ପ୍ରଥମ ଓ ଦ୍ୱିତୀୟ ଅତିରିକ୍ତ ବଜେଟରେ ରାଜ୍ୟ ଯୋଜନା ବାବଦରେ ଅଧିକ ଆବଣ୍ଟନ ଏବଂ ରାଜ୍ୟର ନିଜସ୍ୱ ସମ୍ବଳ ସଂଗ୍ରହରେ ଅବକ୍ଷୟ, ଏହି ବର୍ଷ ଶେଷ ନିଅଣ୍ଟର ମୁଖ୍ୟକାରଣ ।

2.1. 1287-88 ଆର୍ଥିକ ବର୍ଷର ବଜେଟରେ ଉଭୟ ଆୟ ଓ ବ୍ୟୟ ପ୍ରତ୍ୟେକର ପରିମାଣ ମୋଟ 3434 କୋଟି 26 ଲକ୍ଷ ଟଙ୍କା ହେବାର ଅନୁମାନ କରାଯାଇଅଛି ଏବଂ ଏହିଭଳି ଆୟ ଓ ବ୍ୟୟ ସମତୁଲ ହୋଇଥିବାରୁ ଚଳିତ ବର୍ଷର ପ୍ରାରମ୍ଭିକ ନିଅଣ୍ଟ ପରିମାଣ ଭାବେ ଦର୍ଶାଯାଇଥିବା 12 କୋଟି 10 ଲକ୍ଷ ଟଙ୍କା ଆସନ୍ତା ଆର୍ଥିକ ବର୍ଷର ଅନ୍ତିମ ନିଅଣ୍ଟ ହୋଇ ରହିବ ।

ବଜେଟରେ ରାଜ୍ୟ । ସରକାରଙ୍କର ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଏବଂ ସରକାରୀ ହିସାବର ବିଶଦ ବିବରଣୀ ମୋ ଅଭିଭାଷଣର ପରିଶିଷ୍ଟ—1 ଭାବରେ ସଂଲଗ୍ନ କରାଯାଇଅଛି ।

3. 1980 ମସିହାଠାରୁ ବିକାଶୋନ୍ମୁଖୀ ନୀତି ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟକୁ ଦ୍ରୁତ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ପଥରେ ଆଗେଇ ନେବା ନିମନ୍ତେ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି । ରାଜ୍ୟ ଅର୍ଥନୀତିର ପ୍ରତ୍ୟେକ ସ୍ତରରେ ଏହି ପ୍ରଗତିର ଦ୍ରୁତ ପ୍ରତିଫଳନ ଘଟିଅଛି । ଜାତୀୟ ଅଭିବୃଦ୍ଧି ହାର ଶତକଡ଼ା 2.3 ତୁଳନାରେ ଷଷ୍ଠ ଯୋଜନା ଶେଷସୁଦ୍ଧା ଆମ ରାଜ୍ୟର ନିଟ୍ ଘରୋଇ ଉତ୍ପାଦନର ଅଭିବୃଦ୍ଧି ହାର ବେଶ ଉତ୍ସାହପ୍ରଦ ଥିଲା । ବର୍ତ୍ତମାନ ମଧ୍ୟ ଏହି ଉତ୍ସାହଜନକ ସ୍ଥିତି ରହିଛି ଏବଂ ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଅଭିବୃଦ୍ଧିର ହାର ଶତକଡ଼ା 6.1 ହାସଲ କରିବା ସଙ୍ଗେ ସଙ୍ଗେ ବଜାୟ ରଖାଯାଇ ପାରିବାର ଆଶା କରାଯାଉଅଛି ।

**4.** ଆମ ମୁଖ୍ୟମନ୍ତ୍ରୀଙ୍କର ଉଲ୍ଲେଖନୀୟ ପ୍ରଚେଷ୍ଟା ଯୋଗୁଁ **1987-88** ଆର୍ଥିକ ବର୍ଷର ରାଜ୍ୟ ଯୋଜନାସ୍ତର ଚଳିତ ଆର୍ଥିକ ବର୍ଷଠାରୁ 150 କୋଟି ଟଙ୍କା ଅଧିକ ହୋଇ ପାରିଛି । ରାଜ୍ୟ ଯୋଜନା ଅଟକଳରେ ଏହିମାତ୍ରା ର ଅଭିବୃଦ୍ଧି ହାସଲ କରିବାରେ ଆମରାଜ୍ୟ ସମସ୍ତ ଦେଶରେ ଦ୍ୱିତୀୟ । ମାନ୍ୟବର ସଭ୍ୟମାନଙ୍କର ଏହି ଉଲ୍ଲେଖପ୍ରଦ ପରିମାଣର ଯୋଜନା ବ୍ୟୟ ନିମିତ୍ତ ସମ୍ବଳ ସଂଗ୍ରହ ଲାଗି ପଦକ୍ଷେପ ସଂପର୍କରେ ଜାଣିବାର ଇଚ୍ଛା ଥାଇପାରେ । ମୁଁ ଆନନ୍ଦର ସହ ଘୋଷଣା କରୁଛି ଯେ ଆସନ୍ତା ବର୍ଷର ସମ୍ବଳ ସଂଗ୍ରହ ପାଇଁ ରାଜ୍ୟବାସୀଙ୍କ ଉପରେ କୌଣସି ନୂତନ ଟିକସର ବୋଝ ଲଦ ଦେବାର ପ୍ରସ୍ତାବ ଆମର ନାହିଁ । ଆବଶ୍ୟକୀୟ ଅତିରିକ୍ତ ସମ୍ବଳ, ସରକାରୀ କର୍ମଚାରୀ ଏବଂ ଅନ୍ୟମାନଙ୍କର ଆସନ୍ତା ବର୍ଷ ପ୍ରାପ୍ୟ ମହଙ୍ଗା ଭତ୍ତାର କିୟଦଂଶ ଭବିଷ୍ୟନିଧିରେ ଜମାରଖି, ସମୂହ ବୀମା ଯୋଜନାର ସଂଶୋଧନ, ପ୍ରଚଳିତ ଟିକସ ଓ ଅଣ ଟିକସ ଆଦାୟ ନିୟମର ସୁପରିଚାଳନା କରି ଏବଂ ଅଧିକ ବଜାର ଋଣ ଓ କେନ୍ଦ୍ରୀୟ ସହାୟତାରୁ ସଂଗ୍ରହ କରିବାର ପ୍ରସ୍ତାବ ରହିଛି । ମାନ୍ୟବର ସଭ୍ୟମାନେ ଲକ୍ଷ୍ୟ କରୁଥିବେ ଯେ ଆସନ୍ତା ଆର୍ଥିକ ବର୍ଷର ଉନ୍ନୟନ ବାବଦରେ ବ୍ୟୟ ଅନୁମାନ ଶତକଡ଼ା 24 ଭାଗକୁ ବୃଦ୍ଧି ପାଉଥିବା ବେଳେ ଅଣ ଯୋଜନାର ଗତାନୁଗତିକ ବ୍ୟୟ ବୃଦ୍ଧି ଶତକଡ଼ା 6.5କୁ ଅତିକ୍ରମ କରିନାହିଁ । ସପ୍ତମ ଯୋଜନାର ପ୍ରଥମ ଦୁଇ ବର୍ଷରେ ରାଜ୍ୟର ଉଭୟ ବାସ୍ତବ ଓ ଆର୍ଥିକସ୍ତରରେ ସାଫଲ୍ୟ ଏବଂ ଅର୍ଥ ବ୍ୟବସ୍ଥାର ସୁପରିଚାଳନା ଯୋଜନା କମିଶନଙ୍କୁ ପ୍ରଭାବିତ କରିପାରିଛି । ଫଳରେ ଆମେ 1687-88 ବର୍ଷର ରାଜ୍ୟ ଯୋଜନା ଆକାର 750 କୋଟି ଟଙ୍କାରେ ଧାର୍ଯ୍ୟ କରାଇବାକୁ ସକ୍ଷମ ହୋଇପାରିଛୁ । ଏହି 750 କୋଟି ଟଙ୍କାର ବ୍ୟୟ ବରାଦ ନିମିତ୍ତ ସମ୍ବଳ ସଂଗ୍ରହର ବିବରଣୀ ମୋ ଅଭିଭାଷଣର ପରିଶିଷ୍ଟ —2 ଭାବରେ ସଂଲଗ୍ନ କରାଯାଇଛି ।

ରାଜ୍ୟ ଯୋଜନାରେ ବିଭିନ୍ନ କ୍ଷେତ୍ରରେ ବ୍ୟୟ ବ୍ୟବସ୍ଥା ନିମ୍ନୋକ୍ତ ଭାବେ କରାଯାଇଛି :—

| | | |
|---|---|---|
| 1. କୃଷି ଓ ଆନୁଷଙ୍ଗିକ ସେବା | ··· | 71 କୋଟି 96 ଲକ୍ଷ ଟଙ୍କା |
| 2 ଗ୍ରାମ୍ୟ ଉନ୍ନୟନ | ··· | 47 କୋଟି 18 ଲକ୍ଷ ଟଙ୍କା |
| 3. ଜଳସେଚନ ଓ ବନ୍ୟାନିୟନ୍ତ୍ରଣ | ··· | 193 କୋଟି 13 ଲକ୍ଷଟଙ୍କା |
| 4. ଶକ୍ତି ଓ ଅକ୍ଷୟ ଶକ୍ତି ବିକାଶ | ··· | 185 କୋଟି 57 ଲକ୍ଷଟଙ୍କା |
| 5 ଶିଳ୍ପ ଓ ଖଣିଜ ଦ୍ରବ୍ୟ | ... | 44 କୋଟି 92 ଲକ୍ଷଟଙ୍କା |
| 6. ପରିବହନ | ··· | 47 କୋଟି 59 ଲକ୍ଷଟଙ୍କା |
| 7. ବିଜ୍ଞାନ ସମ୍ବନ୍ଧୀୟ ସେବା | ·· | 1 କୋଟି 5 ଲକ୍ଷଟଙ୍କା |
| 8. ସମାଜ କଲ୍ୟାଣ | ... | 129 କୋଟି 21 ଲକ୍ଷଟଙ୍କା |
| 9. ସାଧାରଣ ଆର୍ଥିକ ସେବା | ·· | 12 କୋଟି 65 ଲକ୍ଷଟଙ୍କା |
| 10. ସାଧାରଣ ସେବା | ... | 16 କୋଟି 74 ଲକ୍ଷଟଙ୍କା |
| ମୋଟ | ··· | 750 କୋଟି ଟଙ୍କା |

**4.1.** ଏହି ଅଟକଳ ମଧ୍ୟରୁ 679 କୋଟି 13 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା ରାଜ୍ୟ ବଜେଟରେ କରାଯାଇଛି ଓ ଅବଶିଷ୍ଟ 70 କୋଟି 87 ଲକ୍ଷ ଟଙ୍କାରୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ 61 କୋଟି 17 ଲକ୍ଷ ଟଙ୍କା, ରାଜ୍ୟ ସଡ଼କ ପରିବହନ ନିଗମ 7 କୋଟି 58 ଲକ୍ଷ ଟଙ୍କା, ପୌର ସ୍ୱାୟତ୍ତ ସଂସ୍ଥା 2 କୋଟି 12 ଲକ୍ଷ ଟଙ୍କା ସେମାନଙ୍କର ଯୋଜନା ବ୍ୟୟ ବାବଦରେ ବ୍ୟବସ୍ଥା କରିବେ । ରାଜ୍ୟ ବଜେଟରେ ବ୍ୟବସ୍ଥା ହୋଇଥିବା 679 କୋଟି 13 ଲକ୍ଷ ଟଙ୍କା ମଧ୍ୟରେ ପ୍ରଶାସନିକ ମାନବୃଦ୍ଧି ନିମିତ୍ତ 25 କୋଟି 26 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ନିମିତ୍ତ 1987-88ରେ କେନ୍ଦ୍ରୀୟ ସ୍ୱତନ୍ତ୍ର ସହାୟତା ବାବଦରେ 24 କୋଟି 24ଲକ୍ଷ ଟଙ୍କା ମିଳିବାର ପ୍ରସ୍ତାବ ରହିଛି । କର୍ମଚାରୀ ରାଜ୍ୟ ବୀମା ସଂସ୍ଥା ଓ ୟୁନିସେଫ(UNICEF)ଙ୍କ ଠାରୁ ଏକ କୋଟି 37 ଲକ୍ଷ ଟଙ୍କା ମଧ୍ୟ ପ୍ରାପ୍ତ ହେବ । କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ 192 କୋଟି 9ଲକ୍ଷ ଟଙ୍କା ମିଳିବ । ଅତଏବ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ନିମିତ୍ତ ମୋଟ 896 କୋଟି 83 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

**5.** ମୁଁ ବର୍ତ୍ତମାନ କେତେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରୁଛି ।

**6.** କୃଷି କ୍ଷେତ୍ରରେ ଆର୍ଥିକ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ବହୁ ଲୋକଙ୍କ ପାଇଁ ଆୟର ସୁବିଧା ସୃଷ୍ଟି କରିଥାଏ । ଏହି କ୍ଷେତ୍ରରେ ନିଆଯାଇଥିବା କାର୍ଯ୍ୟକ୍ରମ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ନିମିତ୍ତ ଅଭିପ୍ରେତ । ଶସ୍ୟକ୍ଷେତ୍ରର ସଂପ୍ରସାରଣ, ଉନ୍ନତ କୃଷି ଯନ୍ତ୍ରପାତିର ପ୍ରବର୍ତ୍ତନ, ଅଧିକ ଅମଳକ୍ଷମ କିସମ, ସାର ଓ କୀଟନାଶକ ଔଷଧର ବହୁଳ ବ୍ୟବହାର ଏବଂ ଜଳସେଚନ ସୁବିଧାର ସଦୁପଯୋଗ ପ୍ରଭୃତି ଏହି ଲକ୍ଷ୍ୟ ହାସଲ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

**6.1.** 1987-88 ବର୍ଷପାଇଁ ଖାଦ୍ୟ ଶସ୍ୟ ଉତ୍ପାଦନ 78 ଲକ୍ଷ 50 ହଜାର ଟନ୍ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଯାହାକି ଚଳିତ ବର୍ଷରେ 73 ଲକ୍ଷ 99ହଜାର ଟନ୍ ଉତ୍ପାଦନ ଅଟକଳଠାରୁ ପ୍ରାୟ 4.5 ଲକ୍ଷ ଟନ୍ ଅଧିକ । 1987-88 ବର୍ଷରେ 9 ଲକ୍ଷ 38 ହଜାର ଟନ୍ ତୈଳବୀଜ, 38 ଲକ୍ଷ 50 ହଜାର ଟନ ଆଖୁ ଉତ୍ପାଦନ ହେବାର ଆଶା କରାଯାଏ । ତାଳକାତୀୟ ଶସ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ତାଳକାତୀୟ ଶସ୍ୟର ଉତ୍ପାଦନ ଉଲ୍ଲେଖନୀୟଭାବେ ବୃଦ୍ଧି ପାଇବ । ସୋୟାବିନ ଉନ୍ନୟନଲାଗି ନୂତନ କେନ୍ଦ୍ର ପ୍ରବର୍ତ୍ତିତ ପରିକଳ୍ପନା 1987-88 ବର୍ଷରେ ଆଦିବାସୀ ଅଞ୍ଚଳରେ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ଅଛି ।

———

## ମୃତ୍ତିକା ସଂରକ୍ଷଣ

6·2. ଫୁଲବାଣୀ, ବଲାଙ୍ଗୀର, କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମରୁଡ଼ି ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (DPAP) ଏବଂ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମରେ ଜଳମଣ୍ଡ ନିର୍ମାଣ ଆଚ୍ଛାଦନ ଓ ବ୍ୟାପକ ବୃକ୍ଷ ରୋପଣ ଉପରେ ଆମର ଗୁରୁତ୍ୱ ଅବ୍ୟାହତ ରହିବ । ଆସନ୍ତା ବର୍ଷ ପାଇଁ 17 ହଜାର ହେକ୍ଟର ଜମିକୁ ବିଭିନ୍ନ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ଅଛି । କୋରାପୁଟ ଜିଲ୍ଲାର ମାଲକାନଗିରିଠାରେ ପୋଟେରୁସମାଗୁଡ଼ା ଜଳସେଚନ ପ୍ରକଳ୍ପପାଇଁ ଏକ ନୂଆ "ସେଚନ କ୍ଷେତ୍ର ଉନ୍ନୟନ ସଂସ୍ଥା" ସ୍ଥାପନ କରିବାର ପ୍ରସ୍ତାବ ଅଛି ।

---

## ସମବାୟ

6·3. ହେକ୍ଟର ପିଛା ରାସାୟନିକ ସାରର ବ୍ୟବହାର ପ୍ରୟୋଗ 14·8 କିଲୋଗ୍ରାମ ରୁ ବଢ଼ି ଆସନ୍ତା ବର୍ଷ 19·84 କିଲୋଗ୍ରାମରେ ପହଞ୍ଚିବାର ଆଶା କରାଯାଉଛି । କୃଷି କାର୍ଯ୍ୟକ୍ରମକୁ ସହାୟକ ହେବାପାଇଁ ସମବାୟ ଋଣ ସଂସ୍ଥା ମାଧ୍ୟମରେ 1987-88 ବର୍ଷରେ କୃଷୀମାନଙ୍କୁ 106 କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଓ 20 କୋଟି ଟଙ୍କାର ମଧ୍ୟମକାଳୀନ ଋଣ ଦେବାର କାର୍ଯ୍ୟକ୍ରମ ରହିଛି । ସମବାୟ ସମିତି ଜରିଆରେ ଦୁର୍ବଳ ଶ୍ରେଣୀର ଲୋକ ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା କାର୍ଯ୍ୟକ୍ରମ ଦୂରଦୂରାନ୍ତ ଓ ପାର୍ବତ୍ୟ ଅଞ୍ଚଳକୁ ସଂପ୍ରସାରିତ କରାଯିବ ଓ ହାଟମାନଙ୍କରେ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟବିକ୍ରୟ ବ୍ୟବସ୍ଥା କରାଯିବ ।

---

## ପଶୁପାଳନ

6·4. ପଶୁପାଳନ କ୍ଷେତ୍ରରେ ଅଧିକାଂଶ କାର୍ଯ୍ୟକ୍ରମ ଦାରିଦ୍ର୍ୟ ଦୂରୀକରଣ ପରିକଳ୍ପନାଭୁକ୍ତ ଉପଭୋକ୍ତାମାନଙ୍କୁ ଉପକୃତ କରିବାପାଇଁ ଉଦ୍ଦିଷ୍ଟ । ସ୍ୱଳ୍ପ ମୂଲ୍ୟରେ କାଦୁଅ ପଶୁ ଯୋଗାଣ ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଙ୍ଗ । ବଲାଙ୍ଗୀର, କୋରାପୁଟ, ଫୁଲବାଣୀ ଜିଲ୍ଲାରେ ପ୍ରଚଳିତ ହିମୀକୃତ ଶୁକ୍ର ପ୍ରୟୋଗର ବୈଜ୍ଞାନିକ କୌଶଳ ବ୍ୟବସ୍ଥା ଆସନ୍ତା ବର୍ଷ ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ସଂପ୍ରସାରିତ କରି ଏଙ୍କର ଜାତୀୟ ଉନ୍ନତ ପଶୁ ଉତ୍ପାଦନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ଉତ୍କଳ ଗୋ-ମଙ୍ଗଳ ସମିତି ଅନୁଗୋଳ, ଢେଙ୍କାନାଳ ଓ ପିପିଲିଠାରେ ତିନୋଟି ଛେଳିପାଳନ କେନ୍ଦ୍ର ସ୍ଥାପନ କରିବା ପାଇଁ ସ୍ଥିର କରିଛନ୍ତି ।

ରାଜ୍ୟରେ ପୂର୍ବରୁ ସ୍ଥାପିତ ହୋଇଥିବା ଛେଳିପାଳନ କେନ୍ଦ୍ର ସମେତ ଉପରୋକ୍ତ ତିନୋଟି କେନ୍ଦ୍ର ବର୍ଷକୁ 2,000 ଦୁଧିଆଳୀ ଗାଈ ଓ ମଇଁଷି ଛୁଆ ଯୋଗାଇ ପାରିବେ ଓ ଏଗୁଡ଼ିକୁ ଗ୍ରାମ୍ୟ ଦରିଦ୍ର ଲୋକଙ୍କ ଓଇଆନ ଏବଂ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯିବ । କଳାହାଣ୍ଡି, ଗଞ୍ଜାମ ଓ ଢେଙ୍କାନାଳଠାରେ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଛି ।

---

## ମତ୍ସ୍ୟ ଚାଷ

6·5. ବିଭିନ୍ନ ପରିକଳ୍ପନାର ସାହାଯ୍ୟ ସହାୟତାରେ ରାଜ୍ୟରେ ଉଭୟ ସାମୁଦ୍ରିକ ଓ ଆଭ୍ୟନ୍ତରୀଣ ମତ୍ସ୍ୟ ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । କଟକ, ଚପିଲିମା, ସରମଙ୍ଗା ଓ ଭଞ୍ଜନଗରଠାରେ ନିର୍ମାଣାଧୀନ ମାଛ ଜାଆଁଳ ଉତ୍ପାଦନ କେନ୍ଦ୍ର ଆସନ୍ତା ବର୍ଷ କାର୍ଯ୍ୟକ୍ଷମ ହେବ । ଅତିରିକ୍ତ 2,400 ହେକ୍ଟର ପୁଷ୍କରିଣୀ ଜଳରେ ମତ୍ସ୍ୟ ଚାଷ କରିବା ପାଇଁ ଏବଂ 15 କୋଟି ମତ୍ସ୍ୟ ବହନ ବଣ୍ଟନ କରିବାପାଇଁ ବିଭିନ୍ନ ପରିକଳ୍ପନାମାନ ପ୍ରସ୍ତୁତ କରାଯାଇଛି । 2,400 ମତ୍ସ୍ୟ ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ବ୍ୟବସ୍ଥା କରାଯିବ । ମାଛଧରା କାର୍ଯ୍ୟକ୍ରମର ସଂପ୍ରସାରଣ ଲାଗି ପାରାଦ୍ୱୀପ, ଗୋପାଳପୁର ଓ ନୂଆଗଡ଼ଠାରେ ଭିତ୍ତିଭୂମିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ମତ୍ସ୍ୟ ଚାଷ ଉନ୍ନୟନ ସଂସ୍ଥା କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମତ୍ସ୍ୟଜୀବୀ ଉପକୃତ ହୋଇପାରିବେ । ଦୁର୍ଘଟଣା ବୀମା ଯୋଜନା, ସଂଚୟ ତଥା ରିଲିଫ ପାଣ୍ଠି ଏବଂ ବାସଗୃହ ଓ ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ ।

---

## ଭୂସଂସ୍କାର ଓ ଚକବନ୍ଦୀ

6·6. ଘରଭିଟା ନ ଥିବା ପରିବାରଙ୍କୁ ଘରଭିଟା ଯୋଗାଣ ସିଲିଂ ବଳକା ଓ ସରକାରୀ ପଡ଼ିଆ ଜମି ବଣ୍ଟନ ସଂପର୍କୀୟ ଆମର ପରିକଳ୍ପନା ଉଲ୍ଲେଖନୀୟଭାବେ ଅଗ୍ରଗତି କରିପାରିଛି । ଏ ପର୍ଯ୍ୟନ୍ତ ଏକଲକ୍ଷ ଆଠହଜାର ପରିବାର ଉପକୃତ ହୋଇଛନ୍ତି ଓ ଆସନ୍ତାବର୍ଷ 20 ହଜାର ପରିବାରଙ୍କୁ ଘରଭିଟା ଯୋଗାଇ ଦିଆଯିବ । ସିଲିଂ ବଳକା ଓ ସରକାରୀ ପଡ଼ିଆ ଜମି ବଣ୍ଟନ କ୍ଷେତ୍ରରେ ଉପକୃତ ହୋଇଥିବା 5 ଲକ୍ଷ 12 ହଜାର ପରିବାର ମଧ୍ୟରେ ହରିଜନ ଓ ଆଦିବାସୀ ପରିବାରମାନଙ୍କ ସଂଖ୍ୟା ଶତକଡ଼ା 70 ଭାଗ । 1987-88 ମସିହାରେ ଅତିରିକ୍ତ ଏକ ଲକ୍ଷ ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରିବାର ପ୍ରସ୍ତାବ ରହିଛି ।

---

## ଜଙ୍ଗଲ

6·7. ଜଙ୍ଗଲ କାର୍ଯ୍ୟକ୍ରମରେ ଜଙ୍ଗଲ ପରିସର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଆସନ୍ତା ବର୍ଷ ପାଇଁ କେନ୍ଦ୍ରୀୟ ଯୋଜନା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ବାହ୍ୟ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ବାବଦରେ ବରାଦ କରାଯାଇଥିବା ଅର୍ଥ ଉକ୍ତ କାର୍ଯ୍ୟ ସମ୍ପାଦନରେ ସହାୟକ ହେବ । ଆସନ୍ତା ବର୍ଷ 34 ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବ । ପାଞ୍ଚ ହଜାର ହେକ୍ଟର କ୍ଷୟପ୍ରାପ୍ତ ଜଙ୍ଗଲରେ ପୁନଃ ଜଙ୍ଗଲ ସୃଷ୍ଟି କରାଯିବ ଓ 2 କୋଟି 10 ଲକ୍ଷ ଗଛ ବଣ୍ଟନ କରାଯିବ । "ଗ୍ରାମାଞ୍ଚଳ ଗରିବ ଲୋକଙ୍କ ପାଇଁ ଜଙ୍ଗଲ ଗଛ" କାର୍ଯ୍ୟକ୍ରମ ମାଧ୍ୟମରେ 24 ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବୃକ୍ଷରୋପଣ ହୋଇ ପୁନଃ ଜଙ୍ଗଲ ସୃଷ୍ଟି ହେବ ଏବଂ ଏକ କୋଟି ଆଠ ଲକ୍ଷ ଗଛ ବଣ୍ଟନ କରାଯିବ ।

---

## ଶିଳ୍ପ

7. ରାଜ୍ୟର ଓ ବାହାରର ବହୁ ଶ୍ରେଣୀର ଶିଳ୍ପୋଦ୍ୟୋଗୀମାନେ, ରାଜ୍ୟର ଶିଳ୍ପ ପରିବେଶରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଥିବାରୁ, ରାଜ୍ୟ ସରକାରଙ୍କ ଉଦ୍ୟମ ତଥା ଶିଳ୍ପ ନୀତିର ଭୂୟସୀ ପ୍ରଶଂସା କରିଛନ୍ତି । ମୁକ୍ତ ଆଲୋଚନା ମାଧ୍ୟମରେ ଶିଳ୍ପୋଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ଅଭାବ ଅସୁବିଧାର ଚିହ୍ନଟ ଓ ଦୂରୀକରଣ କରାଯାଉଛି । ଇଲେକ୍‌ଟ୍ରୋନିକସ ଓ କମ୍ପ୍ୟୁଟର ପରି ଅତ୍ୟାଧୁନିକ ଶିଳ୍ପ, ବିଦ୍ୟୁତ ସାମଗ୍ରୀ, ଔଷଧ, ରାସାୟନିକ ଦ୍ରବ୍ୟ, ପ୍ଲାଷ୍ଟିକ ଓ ପଲିମର ଶିଳ୍ପରେ ସମ୍ବଳ ବିନିଯୋଗ ପ୍ରତି ଆକୃଷ୍ଟ କରାଇବା ନିମନ୍ତେ ଆମ ଶିଳ୍ପ ନୀତିରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଆନୁଷଙ୍ଗିକ ଶିଳ୍ପ ପ୍ରତିଷ୍ଠା, ରୁଗ୍‌ଣ ଶିଳ୍ପଗୁଡ଼ିକର ଚିହ୍ନଟ ଓ ପୁନରୁଦ୍ଧାର ପ୍ରତି ମଧ୍ୟ ପୂର୍ବଭଳି ଦୃଷ୍ଟି ଦିଆଯିବ । ବାଲେଶ୍ୱର, ବଲାଙ୍ଗିର ଓ ଫୁଲବାଣୀ ଭଳି ଶିଳ୍ପ ବିହୀନ ଜିଲ୍ଲାରେ ଶିଳ୍ପ ସ୍ଥାପନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ଶିଳ୍ପ କ୍ଷେତ୍ରରେ କ୍ଷୁଦ୍ରଶିଳ୍ପ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଅଛି । ସପ୍ତମ ଯୋଜନାର ପ୍ରଥମ ଦୁଇ ବର୍ଷରେ ଏହି କ୍ଷେତ୍ରରେ 30 ହଜାରରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଆସନ୍ତା ବର୍ଷ 56 କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ବଳ ବିନିଯୋଗରେ 3300 କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହେବାର ସମ୍ଭାବନା ଅଛି । ସେହିପରି ସପ୍ତମ ଯୋଜନାର ପ୍ରଥମ ଦୁଇବର୍ଷରେ କାରିଗରୀ-ଭିତ୍ତିକ ଶିଳ୍ପ 2 ଲକ୍ଷ 39 ହଜାର ଲୋକଙ୍କୁ ନିଯୁକ୍ତି ଦେବାର ସୁଯୋଗ ସୃଷ୍ଟି କରିଛି ଏବଂ ଆସନ୍ତା ବର୍ଷ 37 କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇ 75 ହଜାର କାରିଗରୀ-ଭିତ୍ତିକ ଶିଳ୍ପ ୟୁନିଟ ପ୍ରତିଷ୍ଠା କରାଯିବ । ଇପିକଲ ସହାୟତାରେ ରାଜ୍ୟରେ ପ୍ରତିଷ୍ଠିତ ହେଉଥିବା କେତେକ ବୃହତ ଓ ମଧ୍ୟମ ଶିଳ୍ପ ଆସନ୍ତା ବର୍ଷ ଉତ୍ପାଦନକ୍ଷମ ହେବାର ଆଶା ଅଛି ।

7·1. ଧାତବ, ଖଣି ଓ ରାସାୟନିକ ଇଂଜିନିୟରିଂ ବିଷୟରେ ଇଂଜିନିୟରିଂ କଲେଜରେ ସ୍ଥାନ ସଂଖ୍ୟା ବୃଦ୍ଧି କରାଯିବାର ପ୍ରସ୍ତାବ ଅଛି । ଆସନ୍ତାବର୍ଷଠାରୁ ରାଉରକେଲା ଆଞ୍ଚଳିକ ଇଂଜିନିୟରିଂ କଲେଜ ଓ ବୁର୍ଲା ଇଂଜିନିୟରିଂ କଲେଜରେ 'ଇନଷ୍ଟ୍ରୁମେଣ୍ଟେସନ ଇଂଜିନିୟରିଂ' ପାଠ୍ୟକ୍ରମ ଆରମ୍ଭ କରାଯିବ । ରାଉରକେଲାସ୍ଥିତ ମହିଳା ପଲିଟେକନିକ, ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇଂଜିନିୟରିଂ କଲେଜ ଏବଂ ସେରାଙ୍ଗସ୍ଥିତ ଇଂଜିନିୟରିଂ କଲେଜରେ କମ୍ପ୍ୟୁଟର ପ୍ରୟୋଗ ବିଷୟରେ ଡିପ୍ଲୋମା ଓ ଡିପ୍ଲୋମା ପରବର୍ତ୍ତୀ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯିବାର ପ୍ରସ୍ତାବ ଅଛି ।

---

## ଖଣି

7·2. ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ଏ ପର୍ଯ୍ୟନ୍ତ ସର୍ବାଧିକ 19 ନିୟୁତ ଟନ ଖଣିଜ ପଦାର୍ଥ ଉତ୍ପାଦିତ ହୋଇଛି । ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ ଅନୁରୂପ ଉତ୍ସାହପ୍ରଦ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । କ୍ରୋମ ଧାତୁର ଉନ୍ନତ କରଣ ଓ ଚିକ୍‌କଣ ଗ୍ରାନାଇଟ ଟାଇଲ ଉତ୍ପାଦନ କରି ଦେଶରେ ଓ ବିଦେଶ ବଜାରକୁ ରପ୍ତାନୀ ପାଇଁ କେତେକ ପ୍ରକଳ୍ପ ପ୍ରତିଷ୍ଠା ସକାଶେ ବିଚାରାଧୀନ ଅଛି । ଏହାଦ୍ୱାରା ଉପରୋକ୍ତ ଖଣିଜ ଦ୍ରବ୍ୟର ସଦୁପଯୋଗ ହୋଇ ପାରିବ । ଓଡ଼ିଶା ଖଣି ନିଗମ ଆଳସ୍ଥ ପ୍ରସ୍ତୁତ ଚାର୍ଜକ୍ରୋମ ବର୍ତ୍ତମାନ ବିଦେଶକୁ ରପ୍ତାନୀ ହେବାରେ ଲାଗିଲାଣି ।

---

## ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ

8. ଯେ କୌଣସି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଜଳସେଚନର ବହୁଳ ସମ୍ପ୍ରସାରଣ ଓ ବିଦ୍ୟୁତ ଶକ୍ତିର ବହୁଳ ଉତ୍ପାଦନ ଏବଂ ଏହାର ଉପଯୋଗ ଉପରେ ଅନେକାଂଶରେ ନିର୍ଭର କରିଥାଏ । 1987-88 ବର୍ଷରେ ଏହି ଦୁଇ କ୍ଷେତ୍ରରେ 378 କୋଟି 70 ଲକ୍ଷ ଟଙ୍କା ବିନିଯୋଗର ପ୍ରସ୍ତାବ ଅଛି । ଆସନ୍ତା ଆର୍ଥିକ ବର୍ଷରେ ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ଖରିଫ ଋତୁ ପାଇଁ 46 ହଜାର ହେକ୍ଟରରୁ ଅଧିକ ଜମିରେ ଏବଂ ରବି ଋତୁ ପାଇଁ 30 ହଜାର ହେକ୍ଟରରୁ ଅଧିକ ଜମିରେ ଜଳଯୋଗାଣ ସୁବିଧା ସୃଷ୍ଟି କରାଯିବ । ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା 1987-88 ବର୍ଷରେ ଅଧିକ 24 ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ସୃଷ୍ଟି କରାଯିବ । ଆସନ୍ତା ବର୍ଷ 19ଟି ନୂତନ ବନ୍ୟା ନିୟନ୍ତ୍ରଣ ପରିକଳ୍ପନା ହାତକୁ ନିଆଯିବା ସଙ୍ଗେ ସଙ୍ଗେ ଅସମ୍ପୂର୍ଣ୍ଣ ପରିକଳ୍ପନାଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ କରାଯିବାର ପ୍ରସ୍ତାବ ରହିଛି ।

---

## ବିଦ୍ୟୁତ୍ ଶକ୍ତି

8·1. ଗତ 1985-86 ଶେଷ ସୁଦ୍ଧା ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ପ୍ରତିଷ୍ଠିତ ସାମର୍ଥ୍ୟ 1234 ମେଗାୱାଟ୍ ଥିଲା ଏବଂ ନିଶ୍ଚିତ ବିଦ୍ୟୁତ୍ ଶକ୍ତି ( Firm Power Capacity) 524 ମେଗାୱାଟ୍‌ରୁ ବୃଦ୍ଧି ପାଇ 584 ମେଗାୱାଟ୍ ହୋଇଥିଲା । ବିଦ୍ୟୁତ ଶକ୍ତିର ବର୍ଦ୍ଧିତ ଚାହିଦା ମେଣ୍ଟାଇବା ପାଇଁ ନିର୍ମାଣାଧୀନ ରେଙ୍ଗାଲି, ଅପର କୋଲାବ, ଅପର ଇନ୍ଦ୍ରାବତୀ ଓ ତାଳଚେର ସପ୍ତମ ୟୁନିଟ୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଗ୍ରାଧିକାର ଦିଆଯାଇଛି । ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ଥିବା ଏହି ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠିତ ସାମର୍ଥ୍ୟ 977 ମେଗାୱାଟ୍‌ରୁ ଅଧିକ ହେବ । ଇବ୍ ତାପଜ ବିଦ୍ୟୁତ ପ୍ରକଳ୍ପର ପ୍ରାରମ୍ଭିକ କାର୍ଯ୍ୟ ଯଥା ଜମି ଦଖଲ ଓ ଅନ୍ୟାନ୍ୟ ଭିତ୍ତିଭୂମି ଉନ୍ନୟନ ପାଇଁ ଆସନ୍ତା ବର୍ଷ ବଜେଟ୍‌ରେ 25 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ବିଦ୍ୟୁତ ସଞ୍ଚାର ଓ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼କରିବା ପାଇଁ ଆସନ୍ତା ବର୍ଷ ରାଜ୍ୟ ବିଦ୍ୟୁତ ବୋର୍ଡ଼କୁ 7 କୋଟି 55 ଲକ୍ଷ ଟଙ୍କାର ପୁଞ୍ଜି ସହାୟତା ଯୋଗାଇ ଦେବାର ପ୍ରସ୍ତାବ ରହିଛି । ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ଅନୁଯାୟୀ 1987-88 ବର୍ଷରେ ଏକ ହଜାରରୁ ଅଧିକ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ଅକ୍ଷୟ ଓ ଅଣପାରମ୍ପରିକ ଶକ୍ତି ଉତ୍ସ ଉପଯୋଗ କ୍ଷେତ୍ରରେ ପୂର୍ବ ଅଭିଜ୍ଞତାକୁ ଭିତ୍ତିକରି ତ୍ୱରାନ୍ୱିତ କରାଯିବ ।

---

## ପରିବହନ, ଯୋଗାଯୋଗ ଓ ପର୍ଯ୍ୟଟନ

9. ବ୍ଲକ ମହକୁମାକୁ ସବଡିଭିଜନାଲ ମହକୁମା ଓ ସବଡିଭିଜନାଲ ମହକୁମାକୁ ଜିଲ୍ଲା ମହକୁମା ସହ ସଡ଼କ ଦ୍ୱାରା ସଂଯୁକ୍ତ କରିବାର ଲକ୍ଷ୍ୟ ଅବ୍ୟାହତ ରଖି ଅସମ୍ପୂର୍ଣ୍ଣ ସଡ଼କ ଓ ପୋଲଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଆସନ୍ତା ବର୍ଷ ବଜେଟ୍‌ରେ ମୁଖ୍ୟତଃ ବ୍ୟୟ ବରାଦ କରାଯାଇଛି । ସପ୍ତମ ପଞ୍ଚବାର୍ଷିକ ଯୋଜନା ଆରମ୍ଭରୁ ଏ ପର୍ଯ୍ୟନ୍ତ 32ଟି ପୋଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ନିର୍ମାଣାଧୀନ ଆଉ କେତୋଟି ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଅଛି । ଆସନ୍ତା ବର୍ଷ 40ଟି ପୋଲ ଓ 115 କିଲୋମିଟରର ପିଚ୍ ରାସ୍ତା ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି । 110ଟି ଗ୍ରାମକୁ ସବୁଋତୁଆ ରାସ୍ତାର ସୁବିଧା ଦିଆଯିବାର ଲକ୍ଷ୍ୟ ରଖାଯାଇଛି । କୋରାପୁଟ-ରାୟଗଡ଼ା ରେଳ ରାସ୍ତାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆଗେଇ ଚାଲିଛି । ତାଳଚେର-ସମ୍ବଲପୁର ରେଳରାସ୍ତା ନିର୍ମାଣ ଲାଗି 47ଟି ଗ୍ରାମର ଜମି ଦଖଲ କାର୍ଯ୍ୟ ସମାପ୍ତ ହୋଇ ଏହି ଜମିକୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି । ବର୍ତ୍ତମାନ ଭୁବନେଶ୍ୱରକୁ ବମ୍ବେ, ଦିଲ୍ଲୀ, କଲିକତା ଓ ନାଗପୁର ଭଳି ମୁଖ୍ୟ ସହରଗୁଡ଼ିକ ସହିତ ଆକାଶ ପଥରେ ସଂଯୋଗ କରାଯାଇଛି । ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଓ କୋରାପୁଟ ଜିଲ୍ଲାର ଜୟପୁରକୁ ବାୟୁଦୂତ ବିମାନ ସେବା ସୁବିଧା କରାଯାଇଛି । ଭୁବନେଶ୍ୱରରୁ ଝାରସୁଗୁଡ଼ା ଦେଇ ମଧ୍ୟପ୍ରଦେଶର ରାୟପୁରକୁ ବାୟୁଦୂତ ବିମାନ ସେବା ଯୋଗାଇ ଦେବା ପାଇଁ ବାୟୁଦୂତ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି । ବିମାନ ଚଳାଚଳର ଉନ୍ନତି ରାଜ୍ୟରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହୋଇଛି ।

---

## ହରିଜନ ଓ ଆଦିବାସୀ କଲ୍ୟାଣ

10. ହରିଜନ ଓ ଆଦିବାସୀ ଶ୍ରେଣୀର ଲୋକମାନେ ଅଧିକ ଉନ୍ନତ ତଥା ସମୃଦ୍ଧ ଜୀବନ ଯାପନ କରିବା ନିମନ୍ତେ ଅନେକ ଗୁଡ଼ିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଣୟନ କରାଯାଇଛି । କେତେକ ମୁଖ୍ୟ ପରିକଳ୍ପନା ଯାହାକୁ ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ ପ୍ରାଧାନ୍ୟ ଦିଆ ଯାଇଛି ସେଗୁଡ଼ିକ ହେଲା—ଆଦିବାସୀମାନଙ୍କ କାର୍ଯ୍ୟକୁଶଳତାର ମାନବୃଦ୍ଧି, ପରିବାର ଆୟ ବୃଦ୍ଧି ନିମନ୍ତେ ପ୍ରତ୍ୟେକ ପରିବାରରେ ଅଧିକ ଅର୍ଥ ବିନିଯୋଗର ସୁବିଧା, ଦାରିଦ୍ର୍ୟ ସୀମାରେଖା ଅତିକ୍ରମ ତଥା ଆଦିବାସୀ ମହିଳାମାନଙ୍କ ଉନ୍ନତି ନିମନ୍ତେ ଆଦିବାସୀ ପରିବାର ଗୁଡ଼ିକୁ ଦ୍ୱିତୀୟ ଦଫାରେ ସାହାଯ୍ୟ ପ୍ରଦାନ । ବ୍ୟାଙ୍କରୁ ଋଣ ତଥା ଦ୍ୱିତୀୟ ଦଫାରେ ଆର୍ଥିକ ସାହାଯ୍ୟ ପାଇବା ଦିଗରେ କ୍ଷୁଦ୍ର ଆଦିବାସୀ ଋଣ ଖିଲାପକାରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସେମାନଙ୍କର ଋଣ ଛାଡ଼ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଦିବାସୀ ଅଞ୍ଚଳର ବିକାଶ ପ୍ରତି ପୁଞ୍ଜିଭୂତ ପ୍ରଚେଷ୍ଟାର ଅଭିମୁଖ୍ୟ ଅଧିକ ପ୍ରଣିଧାନଯୋଗ୍ୟ । 45ଟି ସଂଶୋଧିତ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ସମେତ ଢେଙ୍କାନାଳ, ବଲାଙ୍ଗିର, ଫୁଲବାଣୀ, ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାରେ ଏଭଳି ଆଠଟି ନୂତନ ପୁଞ୍ଜିଭୂତ ଅଞ୍ଚଳକୁ ଚିହ୍ନଟ କରାଯାଇଛି । ଆଗାମୀ ବର୍ଷ କୋରାପୁଟ ଜିଲ୍ଲାର କଲ୍ୟାଣସିଂହପୁର ଠାରେ ଡଙ୍ଗରିଆ କନ୍ଧମାନଙ୍କ ପାଇଁ ଏକ ମାଇକ୍ରୋ-ପ୍ରୋଜେକ୍ଟ ସ୍ଥାପନ କରିବାର ପ୍ରସ୍ତାବ ରହିଛି । ହରିଜନ ଓ ଆଦିବାସୀ ବାଳକ ବାଳିକାମାନେ ଇଞ୍ଜିନିୟରିଂ ଓ ଡାକ୍ତରୀ ମହାବିଦ୍ୟାଳୟ ଗୁଡ଼ିକରେ ନାମ ଲେଖାଇବାରେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ଯେପରି ପୂରଣ କରିପାରିବେ ସେଥିପାଇଁ ଆଗାମୀ ବର୍ଷଠାରୁ ସ୍ୱତନ୍ତ୍ର କୋଚିଂ କ୍ଲାସ ଅନୁଷ୍ଠିତ ହେବ । ହରିଜନ ପରିବାରଗୁଡ଼ିକୁ ମାର୍ଜିନ ଅର୍ଥ ଆଧାରରେ ଆଗାମୀ ବର୍ଷ ଏକ କୋଟି ଟଙ୍କା ବଣ୍ଟନ କରିବା ପାଇଁ ଓଡ଼ିଶା ହରିଜନ ଆଦିବାସୀ ଉନ୍ନୟନ ଅର୍ଥ ଲଗାଣ ସମବାୟ ନିଗମର ଏକ କାର୍ଯ୍ୟକ୍ରମ ରହିଛି । ଏହି ନିଗମ ଉପଯୋଜନା ଓ ସଂଶୋଧିତ ଅଞ୍ଚଳ ଉନ୍ନୟନ ସୀମା ବାହାରେ ବିପର୍ଯ୍ୟସ୍ତ ହୋଇ ରହୁଥିବା ଆଦିବାସୀମାନଙ୍କୁ ସାହାଯ୍ୟ ଦେବାପାଇଁ 4 କୋଟି 42 ଲକ୍ଷ ଟଙ୍କା ମଧ୍ୟ ପାଇବ ।

---

## ଗ୍ରାମ୍ୟ ଉନ୍ନୟନ

11. ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ହ୍ରାସ କରିବା ଲାଗି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କୁ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ରୋଜଗାର ଭିତ୍ତିକ ସମ୍ବଳ